# NATIONAL NEWS BULLETIN (ODIA)
## 21 August - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ସଦନ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ।
- ରାଜ୍ୟସଭାରେ ଆଜି ଗୃହିତ ହେବା ସହ ସଂସଦର ଅନୁମୋଦନ ଲାଭ କଲା ଅନ୍‌ଲାଇନ୍ ଗେମିଂ ପ୍ରୋତ୍ସାହନ ଓ ନିୟାମକ ବିଲ୍ ।
- ମସ୍କୋ ଠାରେ ରୁଷ ପ୍ରତିପକ୍ଷଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସାକ୍ଷାତ ଆଲୋଚନା ।
- ଆସନ୍ତା ଡିସେମ୍ବରରେ ଗଗନ ଯାନର ପ୍ରଥମ ପରୀକ୍ଷଣ ଉଡ୍ଡାଣ କରାଯିବ ବୋଲି ସୂଚନା ଦେଲେ ଇସ୍ରୋ ଅଧ୍ୟକ୍ଷ ।

ଏବଂ

- ଡୁରାଣ୍ଡ କପ୍ ଟ୍ରଫି ଫୁଟ୍‌ବଲ୍ ଟାଇଟଲ୍ ହାସଲ ପାଇଁ ଆସନ୍ତା ଶନିବାର ଡାଇମଣ୍ଡ ହାର୍‌ଭର୍ ଏଫ୍.ସି. ଏବଂ ନର୍ଥ ଇଷ୍ଟ ୟୁନାଇଟେଡ୍ ମଧ୍ୟରେ ହେବ ମୁକାବିଲା ।

# ପାର୍ଲାମେଣ୍ଟ

ସଂସଦର ଉଭୟ ସଦନକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ରଖାଯାଇଛି । ଗତ ମାସ ୨୧ ତାରିଖରେ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନ ଆଜି ଶେଷ ହୋଇଛି ।

ଲୋକସଭାର ଆଜିର ବୈଠକ ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଅଧିବେଶନ ଅବସରରେ ୧୪ଟି ସରକାରୀ ବିଲ୍ ଆଗତ କରାଯାଇଥିଲା ଏବଂ ମୋଟ୍ ୧୨ଟି ବିଲ୍ ପାରିତ ହୋଇଛି । ଅପରେସନ୍ ସିନ୍ଦୂର ଉପରେ ଦୁଇ ଦିନିଆ ସ୍ୱତନ୍ତ୍ର ଆଲୋଚନା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଲୋକସଭାରେ ଦେଶର ମହାକାଶ କାର୍ଯ୍ୟକ୍ରମର ସଫଳତା ଉପରେ ଏକ ବିଶେଷ ଆଲୋଚନା ମଧ୍ୟ କରାଯାଇଛି । ମୋଟ୍ ୪୧୯ଟି ତାରକାଯୁକ୍ତ ପ୍ରଶ୍ନକୁ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ କେବଳ ୫୫ଟି ପ୍ରଶ୍ନର ମୌଖିକ ଉତ୍ତର ପ୍ରଦାନ କରାଯାଇପାରିଥିଲା ବୋଲି ବାଚସ୍ପତି କହିଛନ୍ତି । ବିରୋଧୀଙ୍କ ହଟ୍ଟଗୋଳ ଦ୍ୱାରା ଗୃହ କାର୍ଯ୍ୟ ବ୍ୟାହତ ହେବା ନେଇ ବାଚସ୍ପତି ଅସନ୍ତୋଷ ବ୍ୟକ୍ତ କରିବା ସହ କହିଛନ୍ତି, ଅଧିବେଶନ କାଳରେ ମାତ୍ର ୩୭ ଘଣ୍ଟା ଗୃହ କାର୍ଯ୍ୟ ସମ୍ଭବ ହୋଇପାରିଛି ।

**V/O-1-OM-BIRLA-WORK-37-HOURS**

ପୂର୍ବରୁ ପୂର୍ବାହ୍ଣ ୧୧ଟା ବେଳେ ଲୋକସଭା ଅଧିବେଶନ ଆରମ୍ଭ ହେବାକ୍ଷଣି ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ପ୍ରସଙ୍ଗ କରି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା ।

ରାଜ୍ୟସଭାର ଅଧିବେଶନ ଦୁଇଥର ମୁଲତବୀ ପରେ ଅପରାହ୍ଣ ୨ଟା ୩୮ରେ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳ ଗୁଡ଼ିକ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗ ନେଇ ହଟ୍ଟଗୋଳ ପୁଣି ଥରେ ଆରମ୍ଭ କରିଥିଲେ । ଉପାଧ୍ୟକ୍ଷ ହରିବଂଶ ବିରୋଧୀ ସଦସ୍ୟଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ହଟ୍ଟଗୋଳ ମଧ୍ୟରେ ସମ୍ବିଧାନ ୧୩୦ତମ ସଂଶୋଧନ ବିଲ୍ ୨୦୨୫, କେନ୍ଦ୍ର ଶାସିତ ଅଞ୍ଚଳ ସରକାର ସଂଶୋଧନ ବିଲ୍ ୨୦୨୫, ଜାମ୍ମୁ କାଶ୍ମୀର ପୁନର୍ଗଠନ ସଂଶୋଧନ ବିଲ୍ ୨୦୨୫କୁ ଅଧିକ ଯାଞ୍ଚ୍ ପାଇଁ ସଂସଦୀୟ ଯୁଗ୍ମ କମିଟିକୁ ପଠାଯାଇଛି । ଅନ୍‌ଲାଇନ୍ ଗେମିଂ ପ୍ରୋତ୍ସାହନ ଓ ନିୟାମକ ବିଲ୍ ୨୦୨୫ ରାଜ୍ୟସଭାରେ ଅନୁମୋଦନ ଲାଭ କରିଛି । ଶ୍ରୀ ହରିବଂଶ କହିଥିଲେ, ରାଜ୍ୟସଭାର ଅଧିବେଶନ ମାତ୍ର ୪୧ ଘଣ୍ଟା ୧୫ ମିନିଟ୍ ପାଇଁ ସମ୍ଭବ ହୋଇପାରିଛି । ଅଧିବେଶନର କାର୍ଯ୍ୟ ସଫଳତା ୩୮ ଦଶମିକ୍ ୮ ପ୍ରତିଶତରେ ସୀମିତ ରହିଛି । ଅଧିବେଶନ କାଳରେ ୧୪ଟି ସରକାରୀ ବିଲ୍ ଗୃହିତ କିମ୍ବା ପ୍ରତ୍ୟାବର୍ତ୍ତନ କରାଯାଇଛି ।

ଅପରେସନ୍ ସିନ୍ଦୂର ଉପରେ ଗୃହରେ ବିଶେଷ ଆଲୋଚନା ମଧ୍ୟ ହୋଇଛି ବୋଲି ଶ୍ରୀ ହରିବଂଶ କହିଛନ୍ତି । ଏହା ପରେ ସେ ଗୃହକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି ।

# ରିଜିଜୁ-ପାର୍ଲାମେଣ୍ଟ

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ମୌସୁମୀ ଅଧିବେଶନ ଦେଶ ଏବଂ ସରକାରଙ୍କ ପାଇଁ ଫଳପ୍ରଦ ରହିଥିଲା । ଅଧିବେଶନ ଶେଷ ହେବା ପରେ ନୂଆଦିଲ୍ଲୀ ଠାରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ରିଜିଜୁ କହିଛନ୍ତି, ଅନେକ ନୂତନ ସଦସ୍ୟ ସଂସଦରେ କହିବାକୁ ସୁଯୋଗ ପାଇନଥିଲେ ଏବଂ ଏଥିପାଇଁ ବିରୋଧୀ ଦଳ ହିଁ ଦାୟୀ । ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବାରୁ ଏବଂ ଆଲୋଚନାରେ ଅଂଶଗ୍ରହଣ କରିନଥିବାରୁ ଶ୍ରୀ ରିଜିଜୁ ବିରୋଧୀ ସଦସ୍ୟଙ୍କୁ ସମାଲୋଚନା କରିଛନ୍ତି । ଆନ୍ତର୍ଜାତିକ ମହାକାଶ ଷ୍ଟେସନ୍ ପରିଦର୍ଶନ କରିଥିବା ପ୍ରଥମ ଭାରତୀୟ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ଅଭିନନ୍ଦନ ଜଣାଇବାକୁ ମଧ୍ୟ ବିରୋଧୀ ସଦସ୍ୟ ସହଯୋଗ କରିନଥିଲେ ବୋଲି ଶ୍ରୀ ରିଜିଜୁ ଅସନ୍ତୋଷ ପ୍ରକାଶ କରିଛନ୍ତି । ସଂସଦ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏବଂ ଗୃହ କାର୍ଯ୍ୟକୁ ଅଚଳ କରିବା ଅଗଣତାନ୍ତ୍ରିକ ବୋଲି ଶ୍ରୀ ରିଜିଜୁ ଅଭିଯୋଗ କରିଛନ୍ତି ।

**V/O**

# ପିଏମ୍-କୋଲକାତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିକାଶର ସ୍ୱପ୍ନକୁ ସାକାର କରିବା ପାଇଁ ପଶ୍ଚିମବଙ୍ଗ ଭାରତୀୟ ଜନତା ପାର୍ଟି ଉପରେ ଭରସା ବୃଦ୍ଧି କରୁଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟରେ ତୃଣମୂଳ କଂଗ୍ରେସ ବିରୁଦ୍ଧରେ ପ୍ରତ୍ୟେକ ଦିନ ଜନସାଧାରଣଙ୍କର ବିତୃଷ୍ଣା ବୃଦ୍ଧି ପାଉଛି । କୋଲକାତାରେ ଏକ ଦଳୀୟ କାର୍ଯ୍ୟକର୍ତ୍ତା ରାଲିରେ ସେ ଯୋଗଦେବେ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

# ଅନ୍‌ଲାଇନ୍ ଗେମିଂ

ଅନ୍‌ଲାଇନ୍ ଗେମିଂ ପ୍ରୋତ୍ସାହନ ଓ ନିୟାମକ ବିଲ୍ ୨୦୨୫ ଆଜି ସଂସଦର ଅନୁମୋଦନ ଲାଭ କରିଛି । ରାଜ୍ୟସଭାରେ ଏହି ବିଲ୍ ଆଜି ପାରିତ ହୋଇଛି । ଇ-କ୍ରୀଡ଼ା ଏବଂ ଅନ୍‌ଲାଇନ୍ ଖେଳକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ସାଧାରଣ ଜନତାଙ୍କୁ ବେଆଇନ୍ ଅର୍ଥ କାରବାରରୁ ସୁରକ୍ଷା ଦେବା ପାଇଁ ଏହି ବିଲ୍ ଉପଯୋଗୀ ହୋଇପାରିବ । ରାଜ୍ୟସଭାରେ ବିଲ୍‌ଟିକୁ ଉପସ୍ଥାପନ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅନ୍‌ଲାଇନ୍ ମନି ଗେମିଂ ଏକ ଜନସ୍ୱାସ୍ଥ୍ୟ ବିପଦ ପାଲଟିଛି ।

ଅନେକ ପରିବାର ଏହାଦ୍ୱାରା ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି । ସମାଜରେ ଏହାର କୁ-ପ୍ରଭାବ ଯୋଗୁଁ ଏଥିରେ ସଂଶ୍ଳିଷ୍ଟ

ହେଉଥିବା ସାଧାରଣ ଜନତା ଠକେଇର ଶିକାର ହେଉଛନ୍ତି । ପ୍ରତିବର୍ଷ ପ୍ରାୟ ୪୫ କୋଟି ଲୋକ ଅନ୍‌ଲାଇନ୍ ଗେମ୍ସରେ ପ୍ରାୟ ୨୦ ହଜାର କୋଟି ଟଙ୍କା ହରାଉଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଇ-କ୍ରୀଡ଼ା, ଅନ୍‌ଲାଇନ୍ ସୋସିଆଲ୍ ଗେମ୍ସ ଏବଂ ଅନ୍‌ଲାଇନ୍ ମନି ଗେମ୍ସ ଏହିଭଳି ତିନୋଟି ବିଭାଗ ଏହି ବିଲ୍‌ରେ ରହିଛି ।

**V/O-2-ASHWINI-VAISHNAW-OUTSIDE-PARLIAMENT**

ଅନ୍‌ଲାଇନ୍ ମନି ଗେମିଂ ପରିଚାଳନା ଏବଂ ସହଯୋଗ ପ୍ରଦାନ କରିବା ଉପରେ ବିଲ୍‌ରେ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଉଲ୍ଲଙ୍ଘନ କ୍ଷେତ୍ରରେ ତିନି ବର୍ଷ ଜେଲ୍ ଏବଂ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ଏହି ବିଲ୍‌ରେ ରହିଛି ।

## ଜୟଶଙ୍କର

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ମସ୍କୋ ଠାରେ ତାଙ୍କ ରୁଷ ପ୍ରତିପକ୍ଷ ସର୍ଗେଇ ଲାଭ୍‌ରୋଭ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଭାରତ-ରୁଷ ଦ୍ୱିପାକ୍ଷିକ ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗ ଉପରେ ଉଭୟ ନେତା ସମୀକ୍ଷା କରିଛନ୍ତି । ଆଲୋଚନା ପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତ ଏବଂ ରୁଷ ମଧ୍ୟରେ ସମ୍ପର୍କ ବିଶ୍ୱର ଅନ୍ୟ ପ୍ରମୁଖ ସମ୍ପର୍କ ତୁଳନାରେ ସବୁଠାରୁ ଅଧିକ ସ୍ଥିର ରହିଛି ।

ଭୂ-ରାଜନୈତିକ ସହଯୋଗ, ନେତୃତ୍ୱ ସମ୍ପର୍କ ଏବଂ ଲୋକପ୍ରିୟ ଭାବନା ଦ୍ୱିପାକ୍ଷିକ ସହଯୋଗର ପ୍ରମୁଖ ଦିଗ ଭାବେ ରହି ଆସିଛି । ଭାରତୀୟ କୁଶଳୀ ଶ୍ରମିକ ବିଶେଷ କରି ଆଇ.ଟି., ନିର୍ମାଣ ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ ରୁଷର ଶ୍ରମ ଆବଶ୍ୟକତାକୁ ପୁରଣ କରିପାରିବେ ବୋଲି ଡକ୍ଟର ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି । ରୁଷକୁ ଭାରତର ରପ୍ତାନୀ ବୃଦ୍ଧି କରିବା ସହିତ ଏକ ସନ୍ତୁଳିତ ଏବଂ ନିରନ୍ତର ଉପାୟରେ ଦ୍ୱିପାକ୍ଷିକ ବାଣିଜ୍ୟ ବ୍ୟାପକ କରିବା ପାଇଁ ଉଭୟପକ୍ଷ ସହମତ ହୋଇଥିବା ଡକ୍ଟର ଜୟଶଙ୍କର କହିଛନ୍ତି । ନିବେଶ ଏବଂ ବାଣିଜ୍ୟ ମାଧ୍ୟମରେ ଦ୍ୱିପାକ୍ଷିକ ଶକ୍ତି ସହଯୋଗ ବଜାୟ ରହିପାରିବ ।

ଆଜିର ବୈଠକରେ ବୈଶ୍ୱିକ ପରିପ୍ରେକ୍ଷୀରେ ପରିବର୍ତ୍ତିତ ହେଉଥିବା ଭୂ-ରାଜନୈତିକ ପରିସ୍ଥିତି, ଅର୍ଥନୈତିକ ଓ ବାଣିଜ୍ୟିକ କ୍ଷେତ୍ର ଉପରେ ଉଭୟପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି ।

## ଇସ୍ରୋ ଚେୟାର୍ ମ୍ୟାନ୍-ଗଗନଯାନ

ଚଳିତ ବର୍ଷ ଡିସେମ୍ବରରେ ଭାରତ ପ୍ରଥମ ମାନବଯୁକ୍ତ ମହାକାଶ ଅଭିଯାନ ଗଗନଯାନର ପ୍ରଥମ ପରୀକ୍ଷଣ ଉଡ଼ାଣ କରିବ ବୋଲି ଇସ୍ରୋର ଅଧ୍ୟକ୍ଷ ଭି. ନାରାୟଣନ୍ କହିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଆଜି ସମ୍ବୋଧନ କରି ଶ୍ରୀ ନାରାୟଣ କହିଛନ୍ତି, ଗଗନଯାନ ଅଭିଯାନ ତ୍ୱରାନ୍ୱିତ ହେଉଛି । ଏହାର ୮୦ ପ୍ରତିଶତ ପରୀକ୍ଷଣ ଇତିମଧ୍ୟରେ ସମ୍ପନ୍ନ

ହୋଇସାରିଛି । ଆସନ୍ତା ମାର୍ଚ୍ଚ ସୁଦ୍ଧା ବାକି ପରୀକ୍ଷଣ ଗୁଡ଼ିକ ସମ୍ପନ୍ନ କରାଯିବ ବୋଲି ସେ କହିଛନ୍ତି । ଇସ୍ରୋର ଅନ୍ୟାନ୍ୟ ସଫଳତା ଉପରେ ଆଲୋକପାତ କରି ଶ୍ରୀ ନାରାୟଣନ୍ କହିଛନ୍ତି, ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୯୬ଟି ସଫଳତା ହାସଲ କରାଯାଇଛି ।

ଆମେରିକାର ୬ ହଜାର ୫୦୦ କିଲୋଗ୍ରାମ୍ ଓଜନ ବିଶିଷ୍ଟ ଯୋଗଯୋଗ ଉପଗ୍ରହ ଭାରତୀୟ ଲଞ୍ଚ୍ ପ୍ୟାଡ୍‌ରେ ଉତ୍କ୍ଷେପଣ କରାଯିବ । ଏ ପର୍ଯ୍ୟନ୍ତ ଆଦିତ୍ୟ ଏଲ୍.ଓ୍ୱାନ୍‌ର ୧୩ ଟେରାବିଟ୍ ତଥ୍ୟ ଗବେଷଣା ପାଇଁ ବୈଜ୍ଞାନିକଙ୍କୁ ପ୍ରଦାନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଏକ୍ସିଓମ୍-ଫୋର୍ ମିଶନ୍ ଉପରେ ଆଲୋକପାତ କରି ସେ କହିଛନ୍ତି, ମିଶନ୍‌ର ସୁରକ୍ଷିତ ଉତ୍କ୍ଷେପଣକୁ ସୁନିଶ୍ଚିତ କରିବାରେ ଇସ୍ରୋର ବୈଷୟିକ ବିଶେଷଜ୍ଞତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଫାଲକନ୍-ନାଇନ୍ ରକେଟ୍‌ରେ ପ୍ରଥମ ପର୍ଯ୍ୟାୟରେ ଦେଖାଦେଇଥିବା ଏଲ୍.ଓ.ଏକ୍ସ. ଲିକେଜ୍‌କୁ ଇସ୍ରୋ ସଂଶୋଧନ କରିଥିଲା ବୋଲି ଶ୍ରୀ ନାରାୟଣନ୍ କହିଛନ୍ତି ।

## ଡୁରାଣ୍ଡକପ୍

୧୩୪ତମ ଡୁରାଣ୍ଡ କପ୍ ଟ୍ରଫି ଫୁଟବଲ ଫାଇନାଲ୍ ପ୍ରତିଯୋଗିତା ଆସନ୍ତା ଶନିବାର ଦିନ ଅନୁଷ୍ଠିତ ହେବ । କୋଲକାତାର ସଲ୍ଟଲେକ୍ ସ୍ଥିତ ଯୁବ ଭାରତୀ କ୍ରୀଡ଼ାଙ୍ଗନ ଠାରେ ଡାଇମଣ୍ଡ ହାରଭର୍ ଏଫ୍.ସି. ଏବଂ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍.ସି. ମଧ୍ୟରେ ଫାଇନାଲ୍ ପର୍ଯ୍ୟାୟ ମୁକାବିଲା

ହେବ । ଦ୍ୱିତୀୟ ସେମିଫାଇନାଲ୍‌ରେ ଗତକାଲି ଡାଇମଣ୍ଡ ହାରଭର୍ ଏଫ୍.ସି. ୨-୧ ଗୋଲ୍‌ରେ ଇଷ୍ଟ ବେଙ୍ଗଲ୍‌କୁ ପରାସ୍ତ କରିଛି । ପୂର୍ବରୁ ପ୍ରଥମ ସେମିଫାଇନାଲ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍.ସି. ୧-୦ ଗୋଲ୍‌ରେ ସିଲଂ ଲାଜୋଙ୍ଗ୍ ଏଫ୍.ସି.କୁ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛି ।